**ମୋତି ରାମ୍ (ମୃତ) ଉତ୍ତରାଧିକାରୀମାନଙ୍କ ମାଧ୍ୟମରେ ଏବଂ ଅନ୍ୟ ଜଣେ**

**ବନାମ**

**ଅଶୋକ କୁମାର ଏବଂ ଅନ୍ୟ ଜଣେ**

**(ଦେୱାନୀ ଆବେଦନ ସଂଖ୍ୟା 1095/2008)**

**ଡିସେମ୍ବର 7, 2010**

**[ମାର୍କଣ୍ଡେୟ କାଟଜୁ ଏବଂ ଜ୍ଞାନ ସୁଧା ମିଶ୍ର, ନ୍ୟାୟମୂର୍ତ୍ତିଦ୍ୱୟ]**

*ବିକଳ୍ପ ବିବାଦ ସମାଧାନ - ମଧ୍ୟସ୍ଥତା - ଜମି ମାଲିକ - ଭଡ଼ାଟିଆ ମାମଲା ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରାଧୀନ, ମଧ୍ୟସ୍ଥିଙ୍କ ନିକଟକୁ ବିଚାରାର୍ଥେ ପ୍ରେରଣ କରାଯାଇଛି - ମଧ୍ୟସ୍ଥତା ବିଫଳ ହୋଇଛି - ମଧ୍ୟସ୍ଥିଙ୍କ ଦ୍ୱାରା ପ୍ରସ୍ତୁତ ବିବରଣୀ - ଏହା ନିର୍ଣ୍ଣୟ କରାଯାଇଥିଲା ଯେ: ନ୍ୟାୟାଳୟରେ ହେଉଥିବା କାର୍ଯ୍ୟାନୁଷ୍ଠାନ ଠାରୁ ଏହା ଅସଦୃଶ, ମଧ୍ୟସ୍ଥତା କାର୍ଯ୍ୟାନୁଷ୍ଠାନ ସମ୍ପୂର୍ଣ୍ଣ ଗୋପନୀୟ କାର୍ଯ୍ୟାନୁଷ୍ଠାନ ଅଟେ - ଯଦି ମଧ୍ୟସ୍ଥତା ସଫଳ ହୁଏ, ତେବେ ମଧ୍ୟସ୍ଥତା କାର୍ଯ୍ୟାନୁଷ୍ଠାନ ସମୟରେ କ'ଣ ଘଟିଥିଲା ତାହା ମଧ୍ୟସ୍ଥ ଉଲ୍ଲେଖ ନକରି ଉଭୟ ପକ୍ଷଙ୍କ ଦ୍ୱାରା ସ୍ୱାକ୍ଷରିତ ଚୁକ୍ତିନାମାକୁ ନ୍ୟାୟାଳୟକୁ ପଠାଇବା ଉଚିତ୍ - ଅନ୍ୟଥା, ମଧ୍ୟସ୍ଥ ଅନ୍ୟ କିଛି ଉଲ୍ଲେଖ ନକରି କେବଳ 'ମଧ୍ୟସ୍ଥତା ବିଫଳ ହୋଇଛି' ବୋଲି ଉଲ୍ଲେଖ କରି ତାଙ୍କ ରିପୋର୍ଟ ପଠାଇବା ଉଚିତ୍ - ଦେୱାନୀ ପ୍ରକ୍ରିୟା ସଂହିତା, 1908 - ଧାରା 89 (2)।*

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 1095/2008।

ଦ୍ୱିତୀୟ ଆବେଦନ ସଂଖ୍ୟା 1959/1994 (O & M) ରେ ଚଣ୍ଡୀଗଡ଼ସ୍ଥିତ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ 19.10.2007 ତାରିଖର ରାୟ ଏବଂ ଆଦେଶରୁ ଆବେଦନ।

ଆବେଦନକାରୀମାନଙ୍କ ତରଫରୁ ହରକେଶ ସିଂହ (କମଲ ମୋହନ ଗୁପ୍ତାଙ୍କ ପାଇଁ)।

ଉତ୍ତରଦାତାମାନଙ୍କ ତରଫରୁ ମନୋଜ ସ୍ୱରୂପ, ଅଙ୍କିତ ସ୍ୱରୂପ, ଶିଭିନ୍ଦର ସ୍ୱରୂପ, ଅଶୋକ ଆନନ୍ଦ (ଗଗନ ଗୁପ୍ତାଙ୍କ ପାଇଁ)।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

## ଆଦେଶ

ଉଭୟ ପକ୍ଷଙ୍କ ମଧ୍ୟରେ ବିବାଦର ସମାଧାନ ପାଇଁ ଚେଷ୍ଟା କରିବା ନିମନ୍ତେ ଆମ୍ଭେ ଏହି ମାମଲାକୁ 31 ଅଗଷ୍ଟ, 2010 ରେ ମଧ୍ୟସ୍ଥତା ପାଇଁ ଚଣ୍ଡିଗଡ଼ସ୍ଥିତ ମଧ୍ୟସ୍ଥତା କେନ୍ଦ୍ରକୁ ବିଚାରାର୍ଥେ ପ୍ରେରଣ କରିଥିଲୁ ।

ଆଜି ଯେତେବେଳେ ଏହି ପ୍ରସଙ୍ଗ ଉଠିଥିଲା, ସେତେବେଳେ ଆମ୍ଭ ନ୍ୟାୟାଳୟ ସଚିବ ମଧ୍ୟସ୍ଥିଙ୍କ ଠାରୁ 29 ସେପ୍ଟେମ୍ବର, 2010 ରେ ମିଳିଥିବା ରିପୋର୍ଟକୁ ଆମ୍ଭ ସମ୍ମୁଖରେ ଉପସ୍ଥାପନ କରିଥିଲେ, ଯାହା ନିମ୍ନରେ ଦିଆଯାଇଛି:

> "ଶ୍ରୀଯୁକ୍ତ ଅଶୋକ କୁମାର କହିଛନ୍ତି ଯେ ଦୋକାନ ମୂଲ୍ୟର ଏକ ତୃତୀୟାଂଶ ପାଇବା ପରେ ସେ ଦୋକାନ ଖାଲି କରିବାକୁ ପ୍ରସ୍ତୁତ ଏବଂ ଇଚ୍ଛୁକ ହେବେ, ଯାହାର(ଦୋକାନର) ମୂଲ୍ୟ ତାଙ୍କ ମତରେ ପ୍ରାୟ 50 ଲକ୍ଷ ଟଙ୍କା ଅଟେ ଏବଂ ତାଙ୍କୁ 15 ଲକ୍ଷ (ପାଖାପାଖି) ଟଙ୍କା ଦିଆଯିବା ଆବଶ୍ୟକ । ଆବେଦନକାରୀ-ଜମି ମାଲିକ ଉକ୍ତ ପରିମାଣ ପ୍ରଦାନ କରିବାକୁ ପ୍ରସ୍ତୁତ ଏବଂ ଇଚ୍ଛୁକ ନୁହଁନ୍ତି ଏବଂ କେବଳ ବାକି ଥିବା ଭଡ଼ା, ଯାହା ତାଙ୍କ ଅନୁଯାୟୀ ଗତ 28 ବର୍ଷ ଧରି ବାକି ଅଛି, ତାହା ଛାଡ଼ିଦେଇ ରିହାତି ସମ୍ପ୍ରସାରିତ କରିଛନ୍ତି । ଭଡ଼ାଟିଆ ମଧ୍ୟ 30 ଲକ୍ଷ ଟଙ୍କାରେ ଏହି ସମ୍ପତ୍ତିକୁ କିଣିବାକୁ ଇଚ୍ଛା ପ୍ରକାଶ କରିଛନ୍ତି କିନ୍ତୁ ଜମି ମାଲିକ ବ୍ୟକ୍ତିଗତ ଆବଶ୍ୟକତା ଆଧାରରେ ଏହାକୁ ତ୍ୟାଗ କରିବାକୁ ମନା କରିଦେଇଛନ୍ତି" ।

ଏହି ପରିପ୍ରେକ୍ଷୀରେ, ଆମ୍ଭେ କହିବାକୁ ଚାହୁଁଛୁ ଯେ ମଧ୍ୟସ୍ଥତା କାର୍ଯ୍ୟାନୁଷ୍ଠାନ ସମ୍ପୂର୍ଣ୍ଣ ଗୋପନୀୟ କାର୍ଯ୍ୟାନୁଷ୍ଠାନ ଅଟେ । ଏହା ନ୍ୟାୟାଳୟରେ ହେଉଥିବା କାର୍ଯ୍ୟାନୁଷ୍ଠାନ ଠାରୁ ଅସଦୃଶ ଅଟେ, ଯାହା ସର୍ବସାଧାରଣଙ୍କ ନଜରରେ ଖୋଲାଖୋଲି ଭାବରେ ପରିଚାଳିତ ହୁଏ । ଯଦି ମଧ୍ୟସ୍ଥତା ସଫଳ ହୁଏ, ତେବେ ମଧ୍ୟସ୍ଥତା କାର୍ଯ୍ୟାନୁଷ୍ଠାନ ସମୟରେ କ'ଣ ଘଟିଥିଲା ତାହା ମଧ୍ୟସ୍ଥି ଉଲ୍ଲେଖ ନକରି ଉଭୟ ପକ୍ଷଙ୍କ ଦ୍ୱାରା ସ୍ୱାକ୍ଷରିତ ଚୁକ୍ତିନାମାକୁ ନ୍ୟାୟାଳୟକୁ ପଠାଇବା ଉଚିତ୍ । ଯଦି ମଧ୍ୟସ୍ଥତା ବିଫଳ ହୁଏ, ତେବେ ମଧ୍ୟସ୍ଥି ତାଙ୍କ ରିପୋର୍ଟରେ କେବଳ ଗୋଟିଏ ବାକ୍ୟ ଉଲ୍ଲେଖ କରିବା ଉଚିତ୍ ଏବଂ 'ମଧ୍ୟସ୍ଥତା ବିଫଳ ହୋଇଛି' ବୋଲି ଉଲ୍ଲେଖ କରି ଏହାକୁ ନ୍ୟାୟାଳୟକୁ ପଠାଇବା ଉଚିତ୍ । ଏହା ବ୍ୟତୀତ, ମଧ୍ୟସ୍ଥତା କାର୍ଯ୍ୟାନୁଷ୍ଠାନ ସମୟରେ ଆଲୋଚନା କରାଯାଇଥିବା, ପ୍ରସ୍ତାବ ଦିଆଯାଇଥିବା କିମ୍ବା କରାଯାଇଥିବା କୌଣସି ବିଷୟକୁ ମଧ୍ୟସ୍ଥି ଉଲ୍ଲେଖ କରିବା ଉଚିତ୍ ନୁହେଁ । ଏହାର କାରଣ ହେଉଛି ମଧ୍ୟସ୍ଥତାରେ, ପ୍ରାୟତଃ, ପକ୍ଷମାନଙ୍କ ଦ୍ୱାରା ପ୍ରସ୍ତାବ, ପ୍ରତି-ପ୍ରସ୍ତାବ ଏବଂ ପ୍ରସ୍ତାବ ଦିଆଯାଇଥାଏ, କିନ୍ତୁ ଯେପର୍ଯ୍ୟନ୍ତ ପକ୍ଷମାନେ ସେମାନଙ୍କ ଦ୍ୱାରା ସ୍ୱାକ୍ଷରିତ ଏକ

ରାଜିନାମାରେ ପହଞ୍ଚି ନାହାଁନ୍ତି, ସେପର୍ଯ୍ୟନ୍ତ ଏହା କୌଣସି ଚୂଡାନ୍ତ ଚୁକ୍ତିରେ ପରିଣତ ହେବ ନାହିଁ। ଯଦି ମଧ୍ୟସ୍ଥତା କାର୍ଯ୍ୟାନୁଷ୍ଠାନରେ ଘଟିଥିବା ଘଟଣା ପ୍ରକାଶ ପାଏ, ତେବେ ଏହା ମଧ୍ୟସ୍ଥତା ପ୍ରକ୍ରିୟାର ଗୋପନୀୟତାକୁ ନଷ୍ଟ କରିଦେବ ।

ଆମ୍ଭେ ଏହା ଉଲ୍ଲେଖ କରିବାକୁ ବାଧ୍ୟ କାରଣ ମଧ୍ୟସ୍ଥିମାନେ ଜାଣିବା ଉଚିତ୍ ଯେ ସେମାନେ କେଉଁ ପ୍ରକାରର ରିପୋର୍ଟ ନ୍ୟାୟାଳୟକୁ ପଠାଇବା ଉଚିତ୍ । ଏହି ନ୍ୟାୟାଳୟକୁ ପଠାଯାଇଥିବା ବିବରଣୀରେ ପକ୍ଷମାନଙ୍କ ଦ୍ଵାରା ଦିଆଯାଇଥିବା ପ୍ରସ୍ତାବ ବିଷୟରେ ଉଲ୍ଲେଖ କରାଯିବା ଉଚିତ ନଥିଲା, ବରଂ କେବଳ ଏହା ଉଲ୍ଲେଖ କରିବା ଉଚିତ ଥିଲା ଯେ ମଧ୍ୟସ୍ଥତା ବିଫଳ ହୋଇଥିଲା ।

ଏହି ଆଦେଶର ଏକ ନକଲ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟସ୍ଥତା କେନ୍ଦ୍ର ଏବଂ ଚଣ୍ଡୀଗଡ଼ ମଧ୍ୟସ୍ଥତା କେନ୍ଦ୍ର ସମେତ ଦେଶର ସମସ୍ତ ଉଚ୍ଚ ନ୍ୟାୟାଳୟ ଏବଂ ଜିଲ୍ଲା ନ୍ୟାୟାଳୟରେ ଥିବା ମଧ୍ୟସ୍ଥତା କେନ୍ଦ୍ରକୁ ପଠାଯାଉ ।

ଏହି ମାମଲାର ପ୍ରସଙ୍ଗରେ, ଆବେଦନକାରୀମାନଙ୍କ ଓକିଲଙ୍କ ଅନୁରୋଧ କ୍ରମେ, ଜାନୁଆରୀ 2011 ରେ ଏହି ମାମଲାକୁ ତାଲିକାଭୁକ୍ତ କରାଯାଉ ।

ଆର୍.ପି. ମାମଲାକୁ ମୁଲତବୀ ରଖାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

ଅମରେଶ୍ୱର ମିଶ୍ର, ଅନୁବାଦକ,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।